## ବିଭିନ୍ନ ସଂଗଠନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

# ଆଇନଜୀବୀ ବୃତ୍ତି ଏକ ପେସା ନୁହେଁ, ସମାଜସେବା: ଭିଜିଲାନ୍ସ ଜଜ୍







ବ୍ରହ୍ମପୁର,୨୮ ।୪(ସମିସ): ଆଇନଗତ ପେଷା ଏକ ବୃତ୍ତି ନୁହେଁ ଏହା ହେଉଛି ସମାଜର ସର୍ବୋତ୍ତମ ସେବା ବୋଲି ମତ ବ୍ୟକ୍ତ କରିଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ। କୁଳବୃଦ୍ଧ ତଥା ବାରିଷ୍ଟର ମଧୁବାବୁଙ୍କ ୧୭୯ତମ ଜୟନ୍ତୀ ଅବସରରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆୟୋଜିତ ଆଇନଜୀବୀ ଦିବସ ଅବସରରେ ଅନୁଷ୍ଠିତ ଉତ୍ସବରେ ବିଚାରପତି ଶ୍ରୀ ଜ୍ଞାନେନ୍ଦ୍ର କୁମାର ବାରିକ ଏଭଳି ମତ ବ୍ୟକ୍ତ କରିଛନ୍ତି। ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନ୍ୟାୟିକ ବିଭାଗ ସହିତ ଆଇନଜୀବୀଙ୍କ ଦାୟିତ୍ୱ ଓ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଆଇନଜୀବୀମାନେ ମହକିଲଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସ୍ୱତଃପ୍ରବୃତ୍ତ ଆଗେଇ ଆସିବା ଉଚିତ ବୋଲି ଶ୍ରୀ ବାରିକ ଆହ୍ୱାନ ଦେବା ସହ ପରାମର୍ଶ ଦେଇଥିଲେ। ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଚାରପତି ଶ୍ରୀ ବାରିକ ଏହି ମତବ୍ୟକ୍ତ କରିଥିଲେ। ଆଇନଜୀବୀ ଦିବସ ପାଳନ ଅବସରରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ପୂର୍ବାହ୍ନରେ ଗାନ୍ଧିନଗର ଛକ ଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ କୋର୍ଟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ପରେ ସଂଘ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ସଂଘର ୧୦ଜଣ ବରିଷ୍ଠ ଆଇନଜୀବୀଙ୍କୁ ଅତିଥିମାନଙ୍କ କରକମଳରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କୋର୍ଟ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ସମେତ ଅନ୍ୟ ବିଚାରପତିମାନଙ୍କ ଉପସ୍ଥିତିରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସହର÷ରରେ ବିଭିନ୍ନ ସଂଗଠନ ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ପାଳିତ ପାଳିତ ହୋଇଯାଇଛି। ସଂଗଠନର କର୍ମକର୍ତ୍ତାମାନେ




ଗାନ୍ଧୀନଗର ମୁଖ୍ୟ ରାସ୍ତା ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୂଜ୍ୟପୂଜା ସମିତି ପକ୍ଷରୁ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଏକ ସ୍ମରଣସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମଧୁସୂଦନ ଦାସଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅନ୍ୟତମ ନିର୍ମାତା, ମହାନ୍ ଓଡ଼ିଆ ନେତା ଓ କୁଳବୃଦ୍ଧ ଭାବେ ସ୍ମରଣ କରିଥିଲେ। ସମଗ୍ର ଭାରତରେ ସ୍ୱଦେଶୀ ଓ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ଥିବା ସହ ସମାଜ ସୁଧାରରେ ମଧ୍ୟ ଅସାଧାରଣ ଅବଦାନ ରହିଥିବା ବକ୍ତାମାନେ ନିଜ ମତ ରଖିଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଓଡ଼ିଶାର ଭୌଗଳିକ ସୀମା ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ, ଆଜି ଓଡ଼ିଶାବାସୀଙ୍କ ଜୀବିକା ଓ ଭିଟାମାଟି ସୁରକ୍ଷିତ ନୁହେଁ ବୋଲି ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଜଙ୍ଗଲ, ଖଣି, ନଦୀ ଓ ଜମି ସମ୍ପଦର ସୁରକ୍ଷା ସହ ଲୋକମାନଙ୍କ ଜୀବିକା ଓ ଭିଟାମାଟିର ସୁରକ୍ଷା ପାଇଁ ସମସ୍ତ ଓଡ଼ିଶାବାସୀଙ୍କୁ ଏକତାବଦ୍ଧ ହେବାକୁ ଆହ୍ୱାନ କରାଯାଇଥିଲା। ସଭାରେ ସମାଜସେବୀ ଆର. ସତ୍ୟନାରାୟଣ ରାଓ, କୁଶ ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ସାମ୍ବାଦିକ ରବି ରଥ, ରାଜେନ୍ଦ୍ର କୁମାର ବିଷୋୟୀ, ବିଜୟ କୁମାର ପାଢ଼ୀ, ମନୋଜ କୁମାର ସାମଲ, ଗଗନ ଚନ୍ଦ୍ର ମଲ୍ଲିକ, ବୃନ୍ଦାବନ ଖଟେଇ, ମନୋରଞ୍ଜନ ମହାରଣା, ମହେଶ୍ୱର ବାଡତ୍ୟା, ଉଜ୍ଜଳେଶ୍ୱର ସାହୁ, ଏସ. ସାମ୍ବାଶିବା ରାଓ, ଆପ୍ ନେତା ଆଦିତ୍ୟ ରଥ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ,ମହମ୍ମଦ ଆସଲମ, ଭଗବାନ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ ଓ ବିଜୟ ଚନ୍ଦ୍ର ନନ୍ଦ ଅଂଶଗ୍ରହଣ କରିଥିଲେ। ସେହିପରି ସଂସ୍କାରବାଦୀ ସଙ୍ଗଠନ ପକ୍ଷରୁ ଆଇନଜୀବୀ ପ୍ରଭାତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ମଧୁବାବୁ ସର୍ବହରା ହୋଇ ଓଡ଼ିଆଜାତି ଓ ଭାଷାକୁ ଅଣଓଡ଼ିଆଙ୍କ କବଳରୁ ବଞ୍ଚାଇଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କରି ସ୍ୱପ୍ନକୁ ମନେ ସ୍ମରଣ କରିବା ସହ ସମସ୍ତେ ଓଡ଼ିଆ



ଭାଷାର ସୁରକ୍ଷା ପାଇଁ ପ୍ରୟାସ କରିବାକୁ ତ୍ରିନାଥ ମହାରଣା ଆହ୍ୱାନ କରିଲେ। କାର୍ଯ୍ୟକ୍ରମରେ ପଙ୍କଜ କୁମାର ନାୟକ, ସୁବାଷ ଚନ୍ଦ୍ର ପଟ୍ଟନାଇକ ଓ ଭଗବାନ ସାହୁ ଉପସ୍ଥିତ ଥିଲେ। ସେହିପରି ଓବିସି ମଞ୍ଚ ଓ ଶୌଣ୍ଡିକ ସମାଜ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଗାନ୍ଧୀନଗର ମୁଖ୍ୟ ରାସ୍ତା ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସ୍ମୃତିଚାରଣ ସଭା ଅନୁଷଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ପ୍ରଭାକର ସାହୁ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସବିତା ସାହୁକାର, ପ୍ରମୋଦ ମହାରଣା, ସିମାଞ୍ଚଳ ପ୍ରସାଦ ବିଷୋୟୀ, ମମତା ସାହୁ, ପ୍ରଦୀପ କୁମାର ସାହୁ, ରବି ରଥ ଓ ଆଦିତ୍ୟ କୁମାର ରଥଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦକ୍ଷିଣାଞ୍ଚଳ ମୋଟର ଦୁର୍ଘଟଣା କ୍ଷତିପୂରଣ ନ୍ୟାୟାଧିକରଣ ବ୍ରହ୍ମପୁରଙ୍କ ଅଦାଲତରେ ଏମଏସିଟି କୋର୍ଟ ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଦସ୍ୟ ବିଚାରପତି ବିଶ୍ୱଜିତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ନୀଳାଞ୍ଚଳ ମହାପାତ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଅନୁରୁପ ଭାବେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଗାନ୍ଧିନଗର ଛକ ଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ସମୟରେ ସଂଘର କର୍ମକର୍ତ୍ତା ତଥା ସଭାପତି ଶୀତାଂଶୁ ଶେଖର ପଣ୍ଡା, ଉପସଭାପତି ସତ୍ୟନାରାୟଣ ବସନ୍ତିଆ, ସମ୍ପାଦକ ଜଗନ୍ନାଥ ମିଶ୍ର ଓ ସହ ସମ୍ପାଦକ ରଂଜନ କୁମାର ସାମନ୍ତରାୟଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



## ଆକ୍ରମଣ ଘଟଣାରେ ନାବାଳକ ଅଟକ

ବ୍ରହ୍ମପୁର,୨୮ ।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ତୋଟା ସାହି ଅଞ୍ଚଳରେ ୨ଜଣ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ପୁଲିସ ଜଣେ ନାବାଳକଙ୍କୁ କାବୁ କରି କିଶୋର ନ୍ୟାୟ ବୋର୍ଡରେ ହାଜର କରିଛି। ପୂର୍ବରୁ ଏହି ମାମଲାରେ ଡିମିରା ବାଉରି ସାହିର ସାନଜୀବନ ଦାସ ଓରଫ ଶଙ୍କର(୨୨)ଙ୍କ ସମେତ ୨ ନାବାଳକଙ୍କୁ ପୁଲିସ କାବୁ କରିଥିଲା। ସେହିକ୍ରମରେ ଏହି ଆକ୍ରମଣ ମାମଲାରେ ସମ୍ପୃକ୍ତ ୪ଜଣଙ୍କୁ ପୁଲିସ କାବୁ କରିସାରିଛି। ସୂଚନାପ୍ରକାରେ, ବାଲାଜୀ ନଗର ସାହିର ସଂଗ୍ରାମ ଶାସମଲ(୨୩) ତାଙ୍କ ସାଙ୍ଗ ଶିବଶଙ୍କର ସାହୁଙ୍କ ସହ ୨୪ତାରିଖ ସକାଳ ପ୍ରାୟ ୫ଟା ୩୦ ବେଳେ ତୋଟା ସାହି ସ୍ଥିତ ଏକ ଦୋକାନକୁ ଚା' ପିଇବାକୁ ଯାଇଥିଲେ। ସେଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନଜୀବନ ଦାସ ଓ ଶଙ୍କର ଦାସ ଏବଂ ତାଙ୍କର କିଛି ସହଯୋଗୀ ସେମାନଙ୍କୁ ଛୁରୀ, ଲୁହା ରଡ୍ ଏବଂ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ସଂଗ୍ରାମ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ପ୍ରଥମେ ୩ ଜଣଙ୍କୁ କାବୁ କରିଥିବା ବେଳେ ଆଜି ଆଉ ଜଣେ ନାବାଳକଙ୍କୁ କାବୁ କରିଥିବା ସୂଚନା ଦେଇଛନ୍ତି ଏସ୍ଆଇ ଗୌରବ ରଞ୍ଜନ ଦାଶ।

## କଂସେଇଖାନାରେ ଛେଳି କାଟିବା ବାଧ୍ୟତାମୂଳକ

● ମେ' ପହିଲାରୁ କଡ଼ାକଡ଼ି; ନମାନିଲେ ଦୋକାନ ସିଲ୍

ବ୍ରହ୍ମପୁର,୨୮ ।୪(ସମିସ): ବିଳମ୍ବରେ ହେଲେ ମଧ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜାରି ହୋଇଛି ଜରୁରୀ ସୂଚନା। ଏଣିକି ସହରରେ ହୋଇପାରିବନି ରାସ୍ତାଘାଟରେ ଛେଳିକଟା। ସହରର ଆସ୍କା ରୋଡ଼ରେ ଥିବା ଛେଳିକଟା ଗୃହ ବା ସ୍ଲଟର ହାଉସରେ ଛେଳି ନକାଟି ଯେଉଁମାନେ ରାସ୍ତା କଡ଼ରେ, ଜନବସତି ଅଞ୍ଚଳରେ ଅବାଧରେ ଛେଳି କାଟୁଛନ୍ତି ସେମାନଙ୍କ ପାଇଁ ଜାରି ହୋଇଛି କଡ଼ା ନିୟମ। ତୁରନ୍ତ ଏହି ଅଭ୍ୟାସକୁ ବନ୍ଦ କରିବାକୁ ବିଇଏମ୍‌ସି ପକ୍ଷରୁ ସତର୍କ କରାଯାଇଛି। ମଇ ପହିଲାରୁ ଏ ନେଇ ଆରମ୍ଭ ହେବ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଭିଯାନ। ସ୍ଲଟର ହାଉସରେ ଛେଳି ନକାଟି ବାହାରେ କାଟୁଥିବା ଦୋକାନୀଙ୍କ ଉପରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ଏଥିପାଇଁ ଦୋକାନ ପିଛା ଆଦାୟ କରାଯିବ ୨ହଜାର ଟଙ୍କାର ଆର୍ଥିକ ଜରିମାନା। ତେବେ ବିଇଏସିର ସ୍ଲଟର ହାଉସରେ ଗତ ଦୁଇବର୍ଷ ବର୍ଷ ବ୍ୟାପକ ଅନିୟମିତତା ଚାଲିଥିବା ଜଣାପଡିଛି। ଟେଣ୍ଡର ଜରିଆରେ ନେଇଥିବା ବ୍ୟକ୍ତି ବା ସଂସ୍ଥା ବ୍ୟତିକ୍ରମ କରି ବିଇଏମସିର ଟେଣ୍ଡର ନିୟମରେ ଖିଲାପ କରିଆସିଥିବା ଅଭିଯୋଗ ହୋଇଛି। ଏନେଇ ଦୈନିକ ଖବର କାଗଜ 'ସକାଳ' ପକ୍ଷରୁ ବାରମ୍ବାର ଖବର ପ୍ରସାରଣ ପରେ ନିଗମ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ସହରବାସୀଙ୍କୁ ଅନ୍ତତଃ ସୁସ୍ଥ ପରିବେଶରେ ଭଲ ମାଂସ ମିଳିପାରିବ ବୋଲି ଆଶା କରାଯାଇଛି। ବିଇଏମସିର ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ଏହା କେତେଦୂର ସଫଳ ଓ କଡ଼ାକଡ଼ି କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗରେ ଜାତୀୟ ପାଠଚକ୍ର




ବ୍ରହ୍ମପୁର,୨୮ ।୪(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ଭୁତତ୍ତ୍ୱ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଉଦଘାଟିତ ହୋଇଯାଇଛି। ଡ. ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠଚକ୍ରରେ "ଭୁ ବିଜ୍ଞାନର ଆଦ୍ୟତନ ଧାରା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭୁ ବିଜ୍ଞାନୀ ତଥା ବିଶିଷ୍ଟ ଜ୍ୟୋତିର୍ବିଦ ଡ. ମାୟାଧର ସାହୁ ବିଶ୍ୱବିଦ୍ୟାଳୟର ଭୁତତ୍ତ୍ୱ ବିଭାଗର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଆଦିକବି ନାନ୍ନୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଏମ. ଜଗନ୍ନାଧ ରାଓ ଆଓବିଶ୍ୱାସ ଯୋଗଦେଇ ଯୋଗାଯୋଗରେ ଦକ୍ଷତା ଓ ନିଷ୍ଠାପରତା ବଳରେ ସଫଳତା ପାଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ପାଠଚକ୍ର ସମ୍ପର୍କରେ ସୂଚନା ଦେବା ସହ ଭୁବିଜ୍ଞାନର ଧାରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ କୁଳପତି ପ୍ରଫେସର ଅସୀମା ସାହୁ ଓ ଆଇଏମଏମଟି ଭୁବନେଶ୍ୱରର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ ଡ. ଡି. ଶ୍ରୀନିବାସ ରାଓ ଯୋଗଦେଇ ଭୁତତ୍ତ୍ୱ ବିଜ୍ଞାନ ଗବେଷଣାରେ କୃତ୍ରିମ ବୁଦ୍ଧିମତାର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଏକ ପାଠଚକ୍ର ପ୍ରବନ୍ଧ ସଂକଳନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଯାତ୍ରୀ ବସ୍ ଓ ଟ୍ରକ ଦୁର୍ଘଟଣା; ଏକାଧିକ ଆହତ

ବ୍ରହ୍ମପୁର,୨୮ ।୪(ସମିସ): ଅନ୍ଧପସରା ରୋଡରେ ଏକ ବରାଯାତ୍ରୀ ବସ୍ ଏବଂ ମାଲବାହୀ ଟ୍ରକ ମଧ୍ୟରେ ଦୁର୍ଘଟଣା ଘଟିଛି। ହଳଦିଆପଦର ପଟୁ ଫାଷ୍ଟଗେଟ ଆଡକୁ ଫେରୁଥିବା ଏହି ଯାତ୍ରୀବାହୀ ବସକୁ ଟ୍ରକଟି ପଛପଟୁ ଧକ୍କା ଦେବା ଯୋଗୁ ଟ୍ରକ ଚାଳକ ସମେତ ବସରେ ଥିବା ଏକାଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଟ୍ରାଫିକ ଥାନା ପୁଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ସୂଚନାପ୍ରକାରେ, ବଡଗୁମୁଳାରୁ କିଛି ବରଯାତ୍ରୀଙ୍କୁ ନେଇ ଯାଇଥିବା ଦିଗାମ୍ବର ନାମକ ଯାତ୍ରୀବାହୀ ବସ୍ (ଓଡି-୦୭-ଭିଭି-୯୨୪୬) ଆଜି ଅପରାହ୍ନରେ ଜାତୀୟ ରାଜପଥ-୧୬ ଦେଇ ବ୍ରହ୍ମପୁର ଫାଷ୍ଟଗେଟ ଆଡକୁ ଫେରୁଥିଲା। ବସ୍‌ରେ ୩୦ରୁ ଅଧିକ ଯାତ୍ରୀ ବସିଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରକ(ଓଡି-୦୭-ଏଏମ-୦୮୦୬) ପଛପଟୁ ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବସ୍ ପଛ ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପଛ ସିଟରେ ବସିଥିବା ଏକାଧିକ ଯାତ୍ରୀ ଆହତ ହୋଇଥିଲେ। ଉଭୟ ଗାଡି ରାସ୍ତାରେ ବେଶ କିଛି ସମୟ ଅଟକ ରହିବା ଯୋଗୁ ସେହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ପ୍ଲଟ୍ ବ୍ୟବସାୟୀ ସୁଧୀର ଅପହରଣ ଓ ହତ୍ୟା ମାମଲା

# ନିବେଦିତାଙ୍କ ମା' ଓ ମାମୁଙ୍କ ସମ୍ପୃକ୍ତି ଅଭିଯୋଗ

ବ୍ରହ୍ମପୁର,୨୮ ।୪(ସମିସ)

ଦିନ ଯେତେ ଗଡୁଛି ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ଘଟଣାରେ ସେତେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ସୁଧୀରଙ୍କ ହତ୍ୟାକୁ ନେଇ ତାଙ୍କ ମା' ଓ ଝିଅ ଦେଇଛନ୍ତି ବିସ୍ଫୋରକ ବୟାନ। ସୁଧୀରଙ୍କ ମା' ସୁକାନ୍ତି ପାତ୍ର କହିଛନ୍ତି କେବଳ ସୁଧୀରଙ୍କ ଝିଆରୀ ନିବେଦିତା ନିଜେ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ତାହା ନୁହେଁ, ବରଂ ଏଥିରେ ନିବେଦିତାଙ୍କ ମା' ଓ ତାଙ୍କ ଭାଇ ଅର୍ଥାତ ମାମୁଙ୍କର ମଧ୍ୟ ହାତ ଥିବା ସେ ଅଭିଯୋଗ କରିଛନ୍ତି। ନିବେଦିତା ନିଜ

**ଅଭିଯୋଗ କଲେ ସୁଧୀରଙ୍କ ମା' ଓ ଝିଅ**

**ସ୍କାନରରେ ସୁପାରିକିଲର ମୁକେଶ ଓ ରଞ୍ଜନଙ୍କ ସମେତ ୪**

ମାମୁଙ୍କ କଥାରେ ପଡ଼ି ଏଭଳି ଚରମ ନିଷ୍ପତ୍ତି ନେଇଥିବା ସେ ସନ୍ଦେହ କରିଛନ୍ତି। ନିବେଦିତାଙ୍କ ମାମୁଙ୍କୁ ପୁଲିସ ଜେରା କଲେ ଅନେକ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ସୁକାନ୍ତି କହିଛନ୍ତି। ଏପରିକି ଅପହରଣର ପରଦିନ ନିବେଦିତା ସୁଧୀରଙ୍କ ଝିଅଙ୍କୁ ନ କାନ୍ଦି ଧୈର୍ଯ୍ୟ ଧରି ଆଗକୁ ବଢ଼ିବାକୁ କୁଆଡ଼େ ନିବେଦିତା ଆଶ୍ୱସନା ଦେଇଥିଲେ। ଏଣୁ ଏଭଳି କପଟ କରିଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦାବି କରିଛନ୍ତି ସୁଧୀରଙ୍କ ୧୬ବର୍ଷର ଝିଅ।

### ୩ଦିନ ହେଲା ଚାଲିଛି ଆଇନଜୀବୀଙ୍କୁ ଜେରା

ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ତଥ୍ୟ ହାସଲ କରି ହିଞ୍ଜିଳିକାଟୁ ଅଞ୍ଚଳର ଜନୈକ ଆଇନଜୀବୀଙ୍କୁ ଅଟକ ରଖି ଜେରା କରୁଥିବା ଜଣାପଡିଛି। ପୁଲିସ ୩ଦିନ ହେଲା ଆଇନଜୀବୀଙ୍କୁ ଜେରା ଚଳାଇଛି। ଜେରା ସମୟରେ ଘଟଣା ସମ୍ପର୍କରେ ମଧ୍ୟ ଆଇନଜୀବୀଙ୍କ ଠାରୁ କିଛି ତଥ୍ୟ ହାସଲ କରିଛି ପୁଲିସ। ତେବେ ଆଇନଜୀବୀଙ୍କର ସୁଧୀର ହତ୍ୟା ଘଟଣାରେ ସମ୍ପୃକ୍ତି ଅଛି କି ନାହିଁ ତାହା ପୁଲିସ ପକ୍ଷରୁ ଖୁଲାସା କରାଯାଇନାହିଁ।

### ଘଟଣାରେ ରହିଛି ଆହୁରି ୪ଜଣଙ୍କ ସମ୍ପୃକ୍ତି

ସବୁଠାରୁ ବଡ଼ କଥା ହେଲା ଗିରଫ ୯ଜଣଙ୍କ ବ୍ୟତିତ ଏହି ଘଟଣାରେ ଅନ୍ୟ ୩ରୁ ୪ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ଏଯାବତ ନିଶ୍ଚିତ ହୋଇସାରିଛି। ସେମାନେ ସମସ୍ତେ ସୁପାରିକିଲର୍। ଜଣେ ବିହାରୀ ସୁଟର ଥିବାବେଳେ ସୁରଟରେ ଅଭିଯୁକ୍ତ ସୂର୍ଯ୍ୟପ୍ରତାପ ସିଂ ସହ ପରିଚୟ ଥିଲା। ଜିତୁନ ପଳାଇ ଓରଫ ଛୋଟା ଜଣେ ଗଞ୍ଜେଇ ମାଫିଆ। ୨୦୨୩ ମାର୍ଚ୍ଚ ୨୧ରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଖଲ୍ଲିକୋଟ ପୁଲିସ ଦ୍ୱାରା ଜିତୁନ ଗିରଫ ହୋଇ ଦୀର୍ଘବର୍ଷ ଜେଲରେ ଥିଲା। ଉକ୍ତ ଜେଲରେ ଗଞ୍ଜେଇ ମାଫିଆ ଭାବେ ପରିଚିତ ମୁକେଶ ଗ୍ୟାଙ୍ଗର କିଛି ସଦସ୍ୟ ଥିଲେ। ଜିତୁନଙ୍କୁ ଜାମିନରେ ମୁକୁଳାଇବାକୁ କେହି ଟଙ୍କା ଖର୍ଚ୍ଚ କରୁନଥିବା ବେଳେ ମୁକେଶ ଟଙ୍କା ଖର୍ଚ୍ଚ କରି ବାହାର କରିଥିଲେ। ସେବେଠାରୁ ଜିତୁନ ମୁକେଶଙ୍କୁ ନିଜର ଗୁରୁ ମାନିବା ସହ ଯାହା କହିଲେ କରିବାକୁ ପ୍ରସ୍ତୁତ ହୋଇ



ରହୁଥିଲା। ସୁଧୀରଙ୍କୁ ଅପହରଣ ପାଇଁ କାଲୁ ପ୍ରଧାନ ପ୍ରଥମେ ସୂର୍ଯ୍ୟପ୍ରତାପ ସହ ଯୋଗାଯୋଗ କରିଥିବା ବେଳେ ସୂର୍ଯ୍ୟ ସୁପାରିକିଲର୍ ମୁକେଶ, ରଞ୍ଜନ ଓ ଅନ୍ୟମାନଙ୍କୁ ଯୋଗାଯୋଗ କରିଥିଲା। ମୁକେଶ ଓ ଜିତୁନ ମିଶି ପରେ ନାରାୟଣ ଓ ଆଶିଷଙ୍କୁ ଯୋଗାଯୋଗ କରିଥିଲେ। ଏଭଳି ଭାବେ ଦୀର୍ଘଦିନର ଯୋଜନା ପରେ ସମସ୍ତେ ଏକାଠି ହୋଇ ସୁଧୀରଙ୍କୁ ଅପହରଣ ପାଇଁ ଲକ୍ଷାଧିକ ଟଙ୍କା ସୁପାରି ନେଇଥିଲେ। ସୁପାରି ଅର୍ଥ ସହ ୩ଟି ବନ୍ଧୁକ ଆଣିଥିଲେ ସୂର୍ଯ୍ୟ, ମୁକେଶ, ରଞ୍ଜନ ଓ ଅନ୍ୟଜଣେ ବିହାରୀ ଯୁବକ। ବନ୍ଧୁକ ହାତେଇବା ପରେ ସେମାନେ କାଲୁ ସହ ଯୋଗାଯୋଗ କରିଥିଲେ।

### ଗୋପାଳପୁର ବେଳାଭୂମିରେ ହୋଇଥିଲା ମର୍ଡର ପ୍ଲାନିଂ

ବନ୍ଧୁକ ହାତେଇବା ପରେ କାଲୁ ଓ ଅନ୍ୟ କିଛି ଅଭିଯୁକ୍ତ ସୁଧୀରଙ୍କ ଝିଆରୀ ନିବେଦିତାଙ୍କ ସହ ଗୋପାଳପୁର ବେଳାଭୂମିରେ ସୁଧୀରଙ୍କୁ ଅପହରଣ ପାଇଁ ଯୋଜନା କରିଥିଲେ। ପ୍ରାୟ ୨ରୁ ୩ଥର ପ୍ଲାନିଂ ପରେ ସୁଧୀରଙ୍କୁ ଅପହରଣ କରିଥିଲେ। ସୁଧୀରଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ସୂର୍ଯ୍ୟ ସୁରଟ ଚାଲିଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତ ଗିରଫଦାରୀ ଭୟରେ ଭିନ୍ନ ଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୯ଜଣଙ୍କୁ ଗିରଫ କରିଥିବା ବେଳେ ଫେରାର ଅନ୍ୟ ୪ଜଣ ସୁପାରିକିଲରଙ୍କ ପାଖରେ ପହଞ୍ଚି ପାରିନି। ସେପଟେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଝିଆରୀ ନିବେଦିତାଙ୍କ ମା ଓ ମାମୁଙ୍କୁ ପୁଲିସ ତଦନ୍ତ ପରିସର କରିଥିବା ସୂଚନା ମିଳିଛି। ଅପହରଣ ଓ ହତ୍ୟାକାଣ୍ଡ ଘଟଣାରେ ପୁଲିସ ରାଜ୍ୟ ଭିତରେ ଓ ବାହାରେ ବିଭିନ୍ନ ସ୍ଥାନରେ ପୁଲିସ ଟିମ୍ ଚଢ଼ଉ କରୁଥିବା ଜଣାପଡିଛି।

### ସରିଲା ରିମାଣ୍ଡ ଅବଧି, ଜେଲ୍ ଫେରିଲେ ୫ ଅଭିଯୁକ୍ତ

ଅଭିଯୁକ୍ତ ସୂର୍ଯ୍ୟପ୍ରତାପ ସିଂ, ନାରାୟଣ ପ୍ରଧାନ, କାଲୁ ଚରଣ ପ୍ରଧାନ, ଜିତୁନ ପଲେଇ ଓ ଆଶିଷ ମହାପାତ୍ର ଆଦି ୫ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଶେଷ ପରେ ସେମାନଙ୍କୁ ଆଜି କୋର୍ଟରେ ହାଜର କରାଯାଇ ପରେ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସୁଧୀରଙ୍କ ଝିଆରୀ ନିବେଦିତା ଓ ପୁତୁରା ତୁଷାରକୁ ପୁଲିସ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରୁଛି। ସେପଟେ ସୁଧୀରଙ୍କ ହତ୍ୟା ଘଟଣାର ଅନ୍ୟତମ ପ୍ରମୁଖ କାରଣ ପ୍ରେମଜନିତ ହୋଇଥିବା ନେଇ ଆଶଙ୍କା କରାଯାଉଥିବା ବେଳେ ନିବେଦିତାଙ୍କ ମା ଓ ମାମୁଙ୍କ ସମ୍ପୃକ୍ତିକୁ ମଧ୍ୟ ପୁଲିସ ନଜରଅନ୍ଦାଜ କରିନାହିଁ। ଯେକୌଣସି ମୂହୁର୍ତ୍ତରେ ସେମାନଙ୍କୁ ମଧ୍ୟ ଜେରା କରାଯାଇପାରେ।

**ଝିଆରୀ ଓ ପୁତୁରାକୁ ରିମାଣ୍ଡରେ ଆଣିବାକୁ ଯୋଜନା**

ସକାଳ THE SAKALA



www.sakalaepaper.com

## ଆଦିବାସୀ ମହାସଂଘର ବିଶାଳ ଶୋଭାଯାତ୍ରା

# ସରକାରଙ୍କୁ କଡ଼ା ଚେତାବନୀ; ଦାବିପତ୍ର ପ୍ରଦାନ

ଜି.ଉଦୟଗିରି,୨୮ ।୪(ସମିସ)



ଆଦିବାସୀ ମହାସଂଘ ଆହ୍ୱାନ କ୍ରମେ ନିଖିଳ ଉତ୍କଳ କୁଇ ସମାଜର ସହଯୋଗରେ ଜି.ଉଦୟଗିରିରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ବହୁ ସଂଖ୍ୟାରେ ଆଦିବାସୀ ଏକତ୍ର ହୋଇ ସମାଜରେ ପ୍ରଚଳିତ ପାରମ୍ପରିକ ପୂଜା ଅର୍ଚ୍ଚନା ପରେ ବିଭିନ୍ନ ସ୍ଲୋଗାନ ଦେଇ ପ୍ରଥମେ ବିର୍ସା ମୁଣ୍ଡା ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରା ଆଦିବାସୀ ସମାଜର ଏକତା, ସଂଘବଦ୍ଧ ଶକ୍ତି ଓ ଅଧିକାର ପ୍ରତି ଅଦମ୍ୟ ସଂକଳ୍ପକୁ ଉଜାଗର କରିଛି । ପାରମ୍ପରିକ ପୋଷାକ, ଅସ୍ତ୍ରଶସ୍ତ୍ର, ଚାଙ୍ଗୁ ବାଦ୍ୟ ଓ ବିଭିନ୍ନ ସ୍ଲୋଗାନ୍‌ରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଶୋଭାଯାତ୍ରାରେ ସହଭାଗୀ ଜମି, ଜଙ୍ଗଲ ଓ ଜଳ ଉପରେ ଅଧିକାର, ସୁରକ୍ଷା ପାଇଁ ଦାବି କରିଥିଲେ । ଖଣି ଖନନ ଓ ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ । ବିଶେଷ କରି ସିଜିମାଳୀ ଘଟଣାକୁ ନେଇ ରାଲିରେ ଜୋରଦାର କ୍ଷୋଭ ପ୍ରକାଶ ପାଇଥିଲା । ଏହାକୁ ଆଦିବାସୀ ସମାଜର ମର୍ଯ୍ୟାଦା ଓ ଅଧିକାର ଉପରେ ଆଘାତ ବୋଲି ବର୍ଣ୍ଣନା କରି ଏହାର ନିନ୍ଦା କରାଯାଇଥିଲା । ନେତାମାନେ ସ୍ପଷ୍ଟ କରିଥିଲେ ଯେ, ସିଜିମାଳୀ ଲୋକଙ୍କୁ ନ୍ୟାୟ ଦେବା ସହିତ ଦୋଷୀଙ୍କ ବିରୋଧରେ ତତ୍କାଳ କଠୋର କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଶୋଭାଯାତ୍ରାରେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଓ ଭୁବନେଶ୍ୱର ୟୁନିଟ ରାଜ୍ୟ ସଭାପତି ବିବେକାନନ୍ଦ ପ୍ରଧାନ ଓ ସଂଯୋଜକ ଅଜୟ କୁମାର ପ୍ରଧାନ ଯୋଗଦେଇ ଆଦିବାସୀ ସମାଜକୁ ଏକତ୍ର ହୋଇ ନିଜ ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ନିଖିଳ ଉତ୍କଳ କୁଇ ସମାଜର ବରିଷ୍ଠ ନେତା ଶାନ୍ତନୁ କୁମାର ପ୍ରଧାନ, ମାଜିରା ପ୍ରଧାନ, ଉଦେଶନ ପ୍ରଧାନ, ଉଦ୍ଧବ ପ୍ରଧାନ, ଆମନ ପ୍ରଧାନ, ପ୍ରଦୀପ ପ୍ରଧାନ, ସନ୍ତେ ପ୍ରଧାନ, ଯମେସ ପ୍ରଧାନ, ବାଲିଗୁଡା କୁଇ ସମିତି ତରଫରୁ ଉପେନ୍ଦ୍ର ପ୍ରଧାନ, ଅଭିରାମ ପ୍ରଧାନ ଓ ଜ୍ଞାନ ପ୍ରଧାନ ପ୍ରମୁଖ ଥିଲେ । ଶେଷରେ ସରକାରଙ୍କ ନିକଟରେ ଦୃଢ଼ ଦାବି ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା ।

## ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍; ଦୋକାନୀ ଭୟଭୀତ



କାଶୀନଗର,୨୮ ।୪(ସମିସ): କାଶୀନଗରର ଆର୍‌ସିସି ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଜାରି କରାଯିବାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ରାସ୍ତା ପ୍ରଶସ୍ତିକରଣ, ଆର୍‌ସିସି ଡ୍ରେନ୍ ନିର୍ମାଣ ଓ ପେଭର ବ୍ଲକ୍ କାମ ପାଇଁ ତହସିଲ କାର୍ଯ୍ୟାଳୟ ରୋଡ଼ରୁ ଷ୍ଟେଟ୍ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ଥିବା ଅସ୍ଥାୟୀ ଦୋକାନ, ଅବରୋଧ ଓ ଅନଧିକୃତ ନିର୍ମାଣକୁ ହଟାଇବାକୁ ନୋଟିସ ଜାରି କରାଯାଇଛି । ସମ୍ପୃକ୍ତ ବ୍ୟବସାୟୀ ଓ ଜବରଦଖଲକାରୀଙ୍କୁ ନିଜେ ସ୍ୱଇଚ୍ଛାରେ ହଟିବାକୁ ନୋଟିସ ଦିଆଯାଇଛି । ନହେଲେ ପ୍ରଶାସନ ପକ୍ଷରୁ ବଳପୂର୍ବକ ଉଚ୍ଛେଦ କରାଯିବ । ଯଦି ଉକ୍ତ ଜବରଦଖଲକୁ ନେଇ କୌଣସି ଆପତ୍ତି ଥାଏ ତାହାହେଲେ ଆସନ୍ତା ମେ' ୫ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଜଣାଇପାରିବେ ବୋଲି ସୂଚନା ଦିଆଯାଇଛି । ଏନେଇ ବ୍ୟବସାୟୀ ଚିନ୍ତାରେ । ପ୍ରଶାସନ ପକ୍ଷରୁ ଏହାକୁ ଉନ୍ନୟନମୂଳକ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ଏଠାରୁ ଦୈନିକ ରୋଜଗାର କରି ପରିବାର ଚଳାଉଛନ୍ତି । ତେଣୁ ସେମାନଙ୍କ ପାଇଁ ପ୍ରଥମେ ଥଇଥାନ କରାଯିବା ଉଚିତ ।

## ଆମ୍ବଡ଼ାଳ ପଡ଼ି ଜଣେ ଗୁରୁତର



ଫିରିଙ୍ଗିଆ,୨୮ ।୪(ସମିସ): ପକାରୀ ପଞ୍ଚାୟତ ଇର୍ପିସରୁ ଗାଁରେ ଆଜି ସକାଳେ ପ୍ରବଳ ଖରା ଏବଂ ଗୁଳୁଗୁଳି ହେଉଥିବାରୁ ହେଡ଼ା କହଁର(୫୫) ଘର ପାଖରେ ଥିବା ଆମ୍ବ ଗଛ ମୂଳରେ ବସିଥିଲେ । ଏହି ସମୟରେ ହଠାତ ଏକ ଡାଳ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା । ଗୁରୁତର ହେଡ଼ାଙ୍କୁ ଡାକ୍ତରଖାନାକୁ ନେବାକୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ମାତ୍ର ଯୋଗାଯୋଗ ନ ହେବାରୁ ବାଧ୍ୟ ହୋଇ ପକାରୀ ପଞ୍ଚାୟତ ବିଜେପି ନେତା ତଥା ସମାଜସେବୀ ବାବୁଲା କହଁରକୁ ଜଣାଇଥିଲେ । ବାବୁଲା ନିଜ ଗାଡ଼ି ନେଇ ଇର୍ପିସରୁ ଗାଁକୁ ଯାଇଥିଲେ । ଗାଁକୁ ଗାଡ଼ି ନ ଯିବାରୁ ପ୍ରାୟ ଅଧା କିଲୋମିଟର ଦୂରରେ ରହିଥିଲା । ସେ ଗାଁକୁ ଚାଲିଚାଲି ଯାଇ ଗୁରୁତର ହେଡ଼ାଙ୍କୁ ପରିବାର ଲୋକଙ୍କ ସହାୟତାରେ ବୋହିଆଣି ଗାଡି ନିଜ ଗାଡ଼ିରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ତାଙ୍କ ଚିକିତ୍ସା ଚାଲିଛି ।

## ଉଦୟଗିରି ପାଷ୍ଟରେଟ ୟୁନିଅନର ବାର୍ଷିକ ସମ୍ମିଳନୀ




ଜି.ଉଦୟଗିରି,୨୮ ।୪(ସମିସ): ସ୍ଥାନୀୟ ଗୁଡ୍ରିପଡ଼ି ପଡ଼ିଆରେ ଉଦୟଗିରି ପାଷ୍ଟରେଟ ୟୁନିଅନର ୮୭ତମ ବାର୍ଷିକ ସମ୍ମିଳନୀ ଆଜି ଉଦ୍‌ଘାଟିତ ହୋଇଛି । ୩ ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଖ୍ରୀଷ୍ଟବିଶ୍ୱାସୀ ଉପସ୍ଥିତ ରହି ଅତିଥିଙ୍କ ଠାରୁ ଯୀଶୁଙ୍କ ବାଣୀ ଶୁଣିଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶପ ମହାଚାର୍ଯ୍ୟା ଭାଓଲେଟ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଉପସଭାପତି ଜର୍ଜ ଆବ୍ରାହମ, ସମ୍ପାଦକ ଜିରୀମିୟ ପ୍ରଧାନ, କୋଷାଧ୍ୟକ୍ଷ ଜୟକାନ୍ତ ପ୍ରଧାନ ମଞ୍ଚାସୀନ ଥିବାବେଳେ ମୁଖ୍ୟବକ୍ତା ଭାବେ କଟକର ଆଚାର୍ଯ୍ୟ ସୁଧିରଞ୍ଜନ ସାମନ୍ତରାୟ ଏବଂ ସମ୍ବଲପୁର ଆଚାର୍ଯ୍ୟ ଅଜୟ କୁମାର ନାଗ ଯୋଗଦେଇ ଧର୍ମଗ୍ରନ୍ଥ ବାଇବେଲରୁ ବାକ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଆୟୋଜନ କମିଟି ସଭାପତି ଆଚାର୍ଯ୍ୟ ଆଲୋକ ପ୍ରଧାନ ପରିଚାଳନା କରିଥିବା ବେଳେ ସମ୍ପାଦକ ପବିତ୍ର ନାୟକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ମହୋତ୍ସବ ଓ ବାଣିଜ୍ୟ ମେଳା ଲାଭାଂଶ ରେଡ୍‌କ୍ରସକୁ ପ୍ରଦାନ



ଫିରିଙ୍ଗିଆ,୨୮ ।୪(ସମିସ): ଦ୍ୱିତୀୟ କନ୍ଧମାଳ ଲୋକ ମହୋତ୍ସବ ଓ ବାଣିଜ୍ୟ ମେଳା ମାର୍ଚ୍ଚ ମାସ ୮ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ୧୨ ଦିନ ଧରି ଫୁଲବାଣୀ କରୋନେସନ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଏହାର ଲାଭାଂଶ ରାଶି ଟଙ୍କା ୧୧,୧୧୧ ଜିଲ୍ଲାପାଳଙ୍କୁ ଚେକ୍ ଆକାରରେ ପ୍ରଦାନ କରାଯାଇଛି । ରେଡ୍‌କ୍ରସ୍ ଫଣ୍ଡକୁ ଏହି ରାଶି ପ୍ରଦାନ କରାଯାଇଛି । ଉପଜିଲ୍ଲାପାଳଙ୍କୁ ମଧ୍ୟ ରେଡ୍‌କ୍ରସ୍ ବାବଦକୁ ତିନି ହଜାର ଟଙ୍କା ପ୍ରଦାନ କରାଯାଇଛି । ମୋଟ ଚଉଦ ହଜାର ଏଗାର ସହ ଏଗାର ଟଙ୍କା । ଗତବର୍ଷ ମଧ୍ୟ ଲାଭାଂଶ ରାଶି ରେଡ୍‌କ୍ରସ୍ ଫଣ୍ଡକୁ ପ୍ରଦାନ କରାଯାଇଛି ।

## ମୃତ ଓ ଅବସରପ୍ରାପ୍ତ ହୋମଗାର୍ଡଙ୍କ ପରିବାରକୁ ସହାୟତା



ଫିରିଙ୍ଗିଆ,୨୮ ।୪(ସମିସ): କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ପ୍ରକାରେ ଗୃହରକ୍ଷୀ କମାଣ୍ଡାଣ୍ଟ ହରିଶ୍ ବିସିଙ୍କ ସହଯୋଗରେ ରୋଗ ଶଯ୍ୟାରେ ପଡ଼ି କୋଟଗଡ଼ ଥାନାରେ କାର୍ଯ୍ୟରତ ସମୟରେ ମୃତ୍ୟୁ ହୋଇଥିବା ହୋମଗାର୍ଡ କର୍ମଚାରୀ ନିଳାଞ୍ଚଳ ଦଣ୍ଡସେନାଙ୍କ ପରିବାର ସଦସ୍ୟଙ୍କୁ ଜିଲ୍ଲାର ସମସ୍ତ ଶୃଙ୍ଖଳିତ ହୋମଗାର୍ଡ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତା ସହିତ ଫିରିଙ୍ଗିଆ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ହୋମଗାର୍ଡ କର୍ମଚାରୀ ସରୋଜ ମାଝୀଙ୍କୁ ମଧ୍ୟ ସଂଗଠନ ତରଫରୁ ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦିଆଯାଇଛି । କାର୍ଯ୍ୟକ୍ରମରେ ସଂଘ ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ରାୟ, ଜୟନ୍ତୀ ଚୌଧୁରୀ ସହଯୋଗ କରିଥିଲେ ।

## ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲରେ ବିଶ୍ୱ ଧରିତ୍ରୀ ଦିବସ




ପାରଳାଖେମୁଣ୍ଡି,୨୮ ।୪(ସମିସ): ଭାରତ ସରକାରଙ୍କ ବିଜ୍ଞାନ ମନ୍ତ୍ରଣାଳୟ ଏବଂ ସାମାଜିକ ସାଂସ୍କୃତିକ ବିକାଶ କେନ୍ଦ୍ର, ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଥିଲା । ବିଦ୍ୟାଳୟର ପ୍ରାର୍ଥନା ମଣ୍ଡପରେ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ମିଳିତଭାବେ ବିଦ୍ୟୁତର ସଦୁପଯୋଗ, ପରିବେଶ ସୁରକ୍ଷା, ନବୀକରଣ ଶକ୍ତିର ବ୍ୟବହାରକୁ ନେଇ ଶପଥପାଠ କରିଥିଲେ । ଏହାପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ସାଇକଲ ଶୋଭାଯାତ୍ରାରେ ଯାଇ ପରିବେଶ ସୁରକ୍ଷା ବିଷୟରେ ଜନସଚେତନ କରାଇଥିଲେ । ଏହାପରେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ବିଭାଗରେ ଜଳବାୟୁ ପରିବର୍ତ୍ତନ ବିଷୟକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଏହାସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବୀକରଣ ଶକ୍ତି ଏବଂ ପୁନରୁଦ୍ଧାରିତ ଗ୍ରହ ବିଷୟରେ ବକ୍ତୃତା ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀ ହୋଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା ସୁନୀତା ପାଣିଗ୍ରାହୀ, ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବିତ ପାତ୍ର, ଉପାଧ୍ୟକ୍ଷ ଜ୍ୟୋତୀନ୍ଦ୍ର କୁମାର ନାୟକ ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଆଗାମୀଦିନରେ ବିଦ୍ୟୁତ ସଦୁପଯୋଗ, ପରିବେଶ ସୁରକ୍ଷା ଓ ନବୀକରଣ ଶକ୍ତି ବିଷୟକୁ ନେଇ କହିଥିଲେ । ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସନ୍ତୋଷ ଦେଓ, ମନୋଜ ପାଢ଼ୀ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ ।

## ଗାରାବନ୍ଧରେ ବାଲ୍ୟ ବିବାହ ରୋକିଲା ପ୍ରଶାସନ



ପାରଳାଖେମୁଣ୍ଡି,୨୮ ।୪(ସମିସ): ଗୋଷାଣି ବ୍ଲକ ଗାରାବନ୍ଧରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ରୋକିଛି ପ୍ରଶାସନ । ସୂଚନା ପ୍ରକାରେ ଚାଇଲ୍ଡ ହେଲ୍ପଲାଇନର ପ୍ରକଳ୍ପ ସଂଯୋଜିକା ବୈଶାଳୀ ପଟ୍ଟନାୟକ ଏସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ତତକ୍ଷଣାତ ସେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ଏବଂ ଏହାପରେ ସଙ୍ଗେ ସଙ୍ଗେ ଏକ ଦଳ ଗଠନ କରାଯାଇଥିଲା । ଦଳରେ ଗୋଷାଣି ବ୍ଲକ ଆଇସିଡିଏସ ସୁପରଭାଇଜର, ଜିଲ୍ଲା ଶିଶୁ ସୁରକ୍ଷା ସମିତିର ପରାମର୍ଶଦାତା ,ଚାଇଲ୍ଡ ହେଲ୍ପ ଲାଇନ ସୁପରଭାଇଜର, ସଖୀ କେନ୍ଦ୍ର ସଦସ୍ୟା, ଆଭା ସ୍ୱେଚ୍ଛାସେବୀ ସଦସ୍ୟା , ଗାରାବନ୍ଧ ଥାନା ଅଧିକାରୀ, ସ୍ଥାନୀୟ ସରପଞ୍ଚ ଥିଲେ । ଦଳ ଉକ୍ତ ଗ୍ରାମକୁ ଯାଇ ପରିବାରକୁ ବାଲ୍ୟ ବିବାହ ନିରୋଧ ଆଇନ ଓ ତାର ଦଣ୍ଡବିଧାନ ବିଷୟରେ ବୁଝାଇଥିଲେ । ଝିଅଟି ବୟସ ୧୫ ବର୍ଷ ୫ ମାସ ହୋଇଥିବାରୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରାଯାଇଥିଲା । ଶିଶୁ କଲ୍ୟାଣ ସମିତିର ଆଦେଶ କ୍ରମେ ଶିଶୁକୁ ଅଧିକ ପରାମର୍ଶ ସେବା ଯୋଗାଇ ଦେବାକୁ ସଖୀ ୱାନ୍ ଷ୍ଟପ୍ ସେଣ୍ଟରକୁ ପଠାଯାଇଥିଲା । ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପରିବାରର ସଦସ୍ୟ ଆଗାମୀ ଦିନରେ ଶିଶୁକୁ ପାଠ ପଢାଇବେ ଏବଂ ବୟସ ନହେବା ପର୍ଯ୍ୟନ୍ତ ଶିଶୁର ବିବାହ କରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ । ଆଗାମୀ ଦିନରେ ବାଳିକାର ଭବିଷ୍ୟତ ପାଇଁ ବାଲ୍ୟ ବିବାହ ନିଷେଧକାରିଣୀ ଅଧିକାରିଣୀ ଝିଅକୁ ପରାମର୍ଶ ଦେବା ସହ ଶିକ୍ଷାକୁ ସୁନିଶ୍ଚିତ କରିବା ପରେ ବିବାହ ହେବେ ବୋଲି ଜଣାପଡିଛି ।

## ମାନସିକ ରୋଗକୁ ନେଇ ଆଇନ ସଚେତନତା ଶିବିର



ପାରଳାଖେମୁଣ୍ଡି,୨୮ ।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ୟୁଟେକ କମ୍ପ୍ୟୁଟର ସେଣ୍ଟର ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ ମାନସିକ ସ୍ୱାସ୍ଥ୍ୟକୁ ନେଇ ରହିଥିବା ବିଭିନ୍ନ ଆଇନ କାନୁନ ବିଷୟରେ ସଚେତନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନୋବିଜ୍ଞାନୀ ପ୍ରାଣ ରଞ୍ଜନ ନାୟକ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ । ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ପ୍ରଗତି ମହିଳା ସଙ୍ଗଠନର ଅଧ୍ୟକ୍ଷ ଲୋକନାଥ ମିଶ୍ର, ପରାମର୍ଶଦାତା ବିଚିତ୍ରାନନ୍ଦ ବେବର୍ତ୍ତା, ସମାଜସେବୀ ଲକ୍ଷ୍ମୀକାନ୍ତ ପାଢ଼ୀ, ମୁରଲୀଧର ପରିଚ୍ଛା, ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ । ମହିଳା ସଙ୍ଗଠନର ସମ୍ପାଦିକା ତନୁଜା ଶତପଥୀ ଧନ୍ୟବାଦ ଦେଇଥିଲେ ।

## ସିୟୁଟିଏମ୍‌ରେ ପ୍ରଥମ ଭେଟେରିନାରୀ ଫାର୍ମାସ୍ୟୁଟିକାଲ୍ ମିଟ୍



ପାରଳାଖେମୁଣ୍ଡି,୨୮ ।୪ (ସମିସ): ସେଞ୍ଚୁରିୟନ ୟୁନିଭେର୍ସିଟି ଅଫ ଟେକ୍ନୋଲଜି ଆଣ୍ଡ ମ୍ୟାନେଜମେଣ୍ଟର ପାରଳାଖେମୁଣ୍ଡି କ୍ୟାମ୍ପସରେ ପ୍ରଥମ ଭେଟେରିନାରୀ ଫାର୍ମାସ୍ୟୁଟିକାଲ ମିଟ୍ ଅନୁଷ୍ଠିତ ହୋଇଥିଲା । ଏହି ମିଟ୍ ତୃତୀୟ ବର୍ଷର ଭେଟେରିନାରୀ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହୋଇଥିଲା । ବିଭିନ୍ନ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦ୍ୱାରା ବଜାରରେ ଆଣାଯାଇଥିବା ଔଷଧର ଟ୍ରେଡ୍ ନାମ ସମ୍ପର୍କରେ ପରିଚିତ କରାଇବା ଏବଂ ଫାର୍ମା ଶିଳ୍ପରେ ଚାକିରି ସୁଯୋଗ ସମ୍ପର୍କରେ ଜଣାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଉଦ୍‌ଘାଟନ ଅଧିବେଶନରେ ସିୟୁଟିଏମ୍‌ର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର, ପ୍ରଫେସର ଏସ୍.ପି. ନନ୍ଦ, ପ୍ରଫେସର ଦୁର୍ଗା ପ୍ରସାଦ ପାଢ଼ି, ସ୍କୁଲ ଅଫ ଭେଟେରିନାରୀର ଡିନ୍ ପ୍ରଫେସର ସୁରେଶ ସୁବ୍ରମଣ୍ୟମ୍, ପ୍ରଫେସର ସର୍ଜନ ରାଓ, ବିଭାଗ ମୁଖ୍ୟ ପ୍ରଫେସର ତପନ କୁମାର ମଣ୍ଡଳ, ଏଲେମିକ୍‌ର ପୂର୍ବତ ଜେନେରାଲ୍ ମାର୍କେଟିଙ୍ଗ ମ୍ୟାନେଜର ଆର୍.ଏନ୍. କର୍ମାକର, ଭିର୍ବାକ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବାସିସ ବିଶ୍ୱାସ ଏବଂ ସହାୟକ ପ୍ରଫେସର ଡ଼ା. ଅର୍ଚ୍ଚନା ଉପସ୍ଥିତ ଥିଲେ । ଡା. ଆର୍.ଏନ୍. କର୍ମାକର ଫାର୍ମା ଶିଳ୍ପରେ ଚାକିରି ସୁଯୋଗ ସମ୍ପର୍କରେ ଛାତ୍ରଙ୍କୁ ଜଣାଇଥିଲେ । ଡା. ଟି.କେ. ମଣ୍ଡଳ ଏପରି ଫାର୍ମାସ୍ୟୁଟିକାଲ୍ ମିଟ୍‌ର ଆବଶ୍ୟକତା ବିଷୟରେ କହିଥିଲେ । ଏଥିରେ ୧୨୫ରୁ ଅଧିକ ଅଂଶଗ୍ରାହୀ ଯୋଗ ଦେଇଥିଲେ ।

# ସାଉଲିପଡ଼ାରେ ସୋଲାର ପାନୀୟଜଳ ପ୍ରକଳ୍ପ ଅଚଳ

## ପାଣି ପାଇଁ ଡହଳବିକଳ ଗ୍ରାମବାସୀ



ଫିରିଙ୍ଗିଆ,୨୮ ।୪(ସମିସ): ଅସହ୍ୟ ହେଉଛି ଗ୍ରୀଷ୍ମ ପ୍ରବାହ । ଏଭଳି ପରିସ୍ଥିତିରେ ପାନୀୟ ଜଳ ସଂକଟ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । କେଉଁଠି ବିଲ ମଝିରେ ଥିବା ଚୁଆ ପାଣି ଶୋଷ ମେଣ୍ଟାଉ ଛି ତ, ଆଉ କେଉଁଠି ନାଳ ପାଣିରେ ଲୋକଙ୍କ ଶୋଷ ମେଣ୍ଟୁଛି । ଏଭଳି ଏକ ଗାଁ ଅଛି ସାଉଲିପଡ଼ା । ଏହି ଗାଁରେ ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମରବନ୍ଧ ପଞ୍ଚାୟତର ସାଉଲିପଡା ଗାଁରେ ନିର୍ମିତ ସୋଲାର ଜଳ ଯୋଗାଣ ପ୍ରକଳ୍ପ ପ୍ରାୟ ସପ୍ତାହ ଧରି ଅଚଳ ହୋଇପଡ଼ିଛି । ଏହା ସହ ସାରୁଦୋଲି ସାହିରେ ମଧ୍ୟ ସୋଲାର ଜଳ ପ୍ରକଳ୍ପର ଟାଙ୍କି ଫାଟିଯାଇଥିବାରୁ ସ୍ଥାନୀୟ ଲୋକେ ଗୁରୁତର ପାନୀୟ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି । ସାଉଲିପଡା ଗାଁରେ ପିଇବା ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ନଥିବାରୁ ପ୍ରଶାସନ ପକ୍ଷରୁ ସୋଲାର ଜଳପ୍ରକଳ୍ପ ନିର୍ମାଣ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା ଏହି ଗାଁରେ ଖରାଦିନ ପାଣି ଅଭାବ ସମସ୍ୟାକୁ ଆହୁରି ଗୁରୁତର କରିଦେଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହି ପରିସ୍ଥିତିରେ ତୁରନ୍ତ ସୋଲାର ଜଳ ପ୍ରକଳ୍ପର ମରାମତି କରି ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇବାକୁ ସେମାନେ ଦାବି କରିଛନ୍ତି । ଗ୍ରାମବାସୀଙ୍କ ଏହି ଦାବି ପ୍ରତି ପ୍ରଶାସନ କେବେ ପଦକ୍ଷେପ ନେବ ସେ ଦିଗରେ ସମସ୍ତଙ୍କ ଦୃଷ୍ଟି ରହିଛି । ଏହି ବିଷୟରେ ସ୍ଥାନୀୟ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଚାରିବାରୁ ପାଣି ସମସ୍ୟା ରହିଛି ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି । ତୁରନ୍ତ ପାଣି ବ୍ୟବସ୍ଥା ଗ୍ରହଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି ।

## କେନ୍ଦୁପତ୍ର ଦର ବଢ଼ାଉ ନାହାନ୍ତି ସରକାର

# ଆନ୍ଦୋଳନକୁ ଓହ୍ଲାଇବେ ୪୦ ହଜାର କେନ୍ଦୁପତ୍ର କର୍ମଚାରୀ

ଫୁଲବାଣୀ,୨୮ ।୪(ସମିସ)





ବାରମ୍ବାର ଦାବି ସତ୍ତ୍ୱେ ସରକାର କେନ୍ଦୁପତ୍ର ଦର ବଢ଼ାଉ ନାହାନ୍ତି କିମ୍ବା କର୍ମଚାରୀଙ୍କୁ ବର୍ଦ୍ଧିତ ଦରମା ଦେଉନାହାନ୍ତି । ପତ୍ର କ୍ରୟ କରାଯାଉ ଥିଲେ ମଧ୍ୟ ବୋନସ ଘୋଷଣା କରାଯାଇନାହିଁ । ଫଳରେ ତୋଳାଳୀ ବେସରକାରୀ ଫଡିରେ ପତ୍ର ବିକ୍ରି କରୁଛନ୍ତି । ସରକାରଙ୍କ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ସିଜନାଲ୍ କର୍ମଚାରୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି କେନ୍ଦୁପତ୍ର କର୍ମଚାରୀ ସଂଘ କହିଛି । ସର୍ବନିମ୍ନ ମଜୁରୀ ଅନୁଯାୟୀ ଦରମା ବୃଦ୍ଧି ଦାବିକୁ ଶୀତଳ ଭଣ୍ଡାରରେ ପକାଇ ରଖିଛନ୍ତି ସରକାର । ଗତ ମାର୍ଚ୍ଚ ମାସରେ ରେଞ୍ଜ ସ୍ତରରେ ହୋଇଥିବା ଦୁଇ ଦିନିଆ ଧର୍ମଘଟ ପରେ ଏ ନେଇ ଆଲୋଚନା ହୋଇଥିଲା । କିନ୍ତୁ ସରକାର ନିଷ୍ପତ୍ତି ନେବାରେ ବିଫଳ ହୋଇଛନ୍ତି । ତେଣୁ ସଂଘର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ମେ ୧ ଶ୍ରମିକ ଦିବସରୁ କଳା ବ୍ୟାଚ୍ ପରିଧାନ ଓ ମେ ୨ ତାରିଖରେ ତୋଳାଳୀ ଓ କର୍ମଚାରୀଙ୍କ ଦସ୍ତଖତ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ । ଏହି ଆନ୍ଦୋଳନ ଓଡ଼ିଶାର ପ୍ରାୟ ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେବ । ଫୁଲବାଣୀ, ବୌଦ୍ଧ, ଭଞ୍ଜନଗର ଓ ଦଶପଲ୍ଲା ରେଞ୍ଜକୁ ନେଇ ଗଠିତ ଫୁଲବାଣୀ ଡିଭିଜନର ୨୦ ହଜାର ମୁନସି, ଚପରାଶି, କଟାଳୀ ଓ ଚେକରଙ୍କ ସମେତ ୩୯୧ ଫଡି ଗୋଦାମର ତୋଳାଳୀଙ୍କୁ ମିଶାଇ ପ୍ରାୟ ୪୦ ହଜାର କର୍ମଚାରୀ ଆନ୍ଦୋଳନରେ ସାମିଲ ହେବେ ବୋଲି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଫୁଲବାଣୀ ଡିଭିଜନର ସାଧାରଣ ସମ୍ପାଦକ ସରୋଜ କୁମାର କର୍ଣ୍ଣ ପ୍ରକାଶ କରିଛନ୍ତି ।

# ରାଜଭୋଗ ଗ୍ରହଣ କଲେ ମା'ବ୍ୟାଘ୍ରଦେବୀ





ଛତ୍ରପୁର,୨୮ ।୪(ସମିସ):

ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା ' ବ୍ୟାଘ୍ରଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଗତ ୨୬ରୁ ମହାଆଡ଼ମ୍ବର ସହକାରେ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ୯ ଦିନ ବ୍ୟାପି ଅନୁଷ୍ଠିତ ହେବ। ଏହି ଅବସରରେ ମା'ଙ୍କ ଘଟ ପାରମ୍ପରିକ ନିୟମ ଅନୁସାରେ ଅସ୍ଥାୟୀ ମନ୍ଦିରରୁ ବାଜାବାଜଣା ସହିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ଏସ୍‌ପିଙ୍କ

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ବାସଭବନ ପରିକ୍ରମା

ବଙ୍ଗଳାରେ ପହଞ୍ଚିଥିଲା। ସେଠାରେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏବଂ ତାଙ୍କ ଧର୍ମପତ୍ନୀ ବିପଶା ପାରୁଲ ଉପସ୍ଥିତ ରହି ମାଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଛନ୍ତି। ପରେ ମା'ଙ୍କ ଘଟ ଜିଲ୍ଲାପାଳଙ୍କ ବାସଭବନ ପରିକ୍ରମା କରିଥିଲା। ସେଠାରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ତାଙ୍କ ମା' ପୂଜାର୍ଚ୍ଚନା କରିଥିଲେ। ସେଠାରୁ ପୁଣି ମା'ଙ୍କ ଘଟ ଥାନା ପରିକ୍ରମା କରିଥିଲା। ସେଠାରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଏବଂ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ପୂଜା କରିଥିଲେ। ଏହା ସହିତ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ପରେ ମା' ଅସ୍ଥାୟୀ ମନ୍ଦିରକୁ ଫେରି ଆସିଥିଲେ। ଆଲୋକ ସଜ୍ଜା ସହିତ ସୁନ୍ଦର ତୋରଣରେ ମା'ଙ୍କ ମନ୍ଦିର ଓ ଅସ୍ଥାୟୀ ମନ୍ଦିର ଝଲସି ଉଠୁଛି। ଆଗାମୀ ଦିନରେ କମିଟି ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ମୀନା ବଜାର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ମା' କାଳୁଆଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ଦିଗପହଣ୍ଡି,୨୮ ।୪(ସମିସ):ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ କୁରୁବୁଲି ଗ୍ରାମରେ ମା'କାଳୁଆ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ ହୋଇଛି। ଗ୍ରାମରେ ବହୁ ପୁରାତନ କାଳରୁ ମା'କାଳୁଆ ଠାକୁରାଣୀ ପୂଜା ପାଇ ଆସୁଥିଲେ ମଧ୍ୟ ମନ୍ଦିର ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡ଼ିଥିଲା। ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟାରେ ମନ୍ଦିରର ପୁନରୁଦ୍ଧାର କରାଯାଇ ନୂତନ ମନ୍ଦିର ହୋଇଥିଲା। ମା'ଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ଅନୁଷ୍ଠିତ ମହାଯଜ୍ଞରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇଛନ୍ତି। ସୋମବାର ସକାଳୁ ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇ ପଣ୍ଡିତ ରାଜେନ୍ଦ୍ର ଦାସଙ୍କ ପୌରହିତ୍ୟରେ ନିକଟସ୍ଥ ଘୋଡ଼ାହାଡ଼ ନଦୀରୁ ପୂର୍ଣ୍ଣକଳସ ଧରି ମନ୍ଦିରରେ ପହଞ୍ଚିଥିଲେ। ପରେ ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ, ମଣ୍ଡଳାଧିବାସ, ନାମଯଜ୍ଞ, ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞକୁଣ୍ଡ ସମ୍ମୁଖରେ କର୍ତ୍ତା ରୂପେ ସ୍ଥାନୀୟ ସରପଞ୍ଚ ସସ୍ମିତାରାଣୀ ଗୌଡ଼, ସ୍ୱାମୀ ସୀମାଞ୍ଚଳ ଗୌଡ଼ ଏବଂ ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ ତାଙ୍କ ସହଧର୍ମିଣୀ ପରିଣୀତା ପାଣିଗ୍ରାହୀ ଆସନ ଅଳଙ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାଯଜ୍ଞର ପ୍ରଥମ ଦିବସରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଯୋଗଦେଇ ମା' ଙ୍କ ପୂଜାର୍ଚ୍ଚନା ସହ ଗ୍ରାମବାସୀଙ୍କ ମଙ୍ଗଳ କାମନା କରି ଫେରିଥିଲେ। ଆସନ୍ତା ବୈଶାଖ ପୂର୍ଣ୍ଣମୀ ତିଥି ଶୁକ୍ରବାର ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପଣ୍ଡିତ ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ପୁରୋହିତ ସୁଧାଂଶୁ ଶେଖର କର, ଗୋପୀନାଥ କର, ବିଧାନ କର ମହାଯଜ୍ଞ ପରିଚାଳନା କରୁଥିବା ବେଳେ ସଭାପତି ସିମାଞ୍ଚଳ ଗୌଡ଼, ସମ୍ପାଦକ ତଥା ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ସାମାଜିକ କର୍ମୀ ଶିବ ମହାଙ୍କୁଡ, ଭଗବାନ ଗୌଡ଼, ଡାକ ଗୌଡ଼, ସୁଶାନ୍ତ ପାଇକ, ସୀମାଞ୍ଚଳ ପ୍ରଧାନ ସମେତ କମିଟି କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## କନ୍ଧମାଳ ପୁଲିସ ପକ୍ଷରୁ ଜଳସେବା ଶିବିର

ଫୁଲବାଣୀ,୨୮।୪(ସମିସ): କନ୍ଧମାଳ ଜିଲ୍ଲା ପୁଲିସ ପକ୍ଷରୁ ଖୋଲାଯାଇଛି ଏକ ଜଳସେବା କେନ୍ଦ୍ର। ସ୍ଥାନୀୟ ମାଦିକୁନ୍ଦା ଛକ ଠାରେ ଏହି କେନ୍ଦ୍ରକୁ ଆଜି ଉଦଘାଟନ କରିଛନ୍ତି ଆରକ୍ଷୀ ଅଧିକ୍ଷକ ହରିଶ ବିସି। ଏହି ଜଳ ସେବା କେନ୍ଦ୍ର ଏକମାସ ଧରି ଚାଲିବ। ସହରରେ ଏବେ ନାରାୟଣୀ ଯାତ୍ରା ଚାଲିଛି। ଗ୍ରାମାଞ୍ଚଳ ଓ ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଫୁଲବାଣୀ ସହରକୁ ଆସୁଛନ୍ତି। ସେମାନଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ଏସପି। ଆୟୋଜିତ କାର୍ଯ୍ୟକ୍ରମରେ ରିଜର୍ଭ ଇନ୍ସପେକ୍ଟର ବୀରସିଂ ଶବରଙ୍କ ସମେତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

● ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ମାମଲା

## ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି

ଶେରଗଡ,୨୮ ।୪(ସମିସ): ଗତ ମାର୍ଚ୍ଚ ୧୦ରେ ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅଧ୍ୟକ୍ଷ ନାୟକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ବିଗିଡ଼ିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଅଧ୍ୟକ୍ଷଙ୍କ ପୁଅ ଅଶୋକ ଶେରଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ପ୍ରାୟ ୩୦ ଜଣ ସଂପୃକ୍ତ ଥିବା ନେଇ ଶେରଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଦୁଇଟି ପର୍ଯ୍ୟାୟରେ ମୋଟ ୭ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇନାହାନ୍ତି। ଗିରଫ ହୋଇ ନ ଥିବା ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଥିବାରୁ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଅଧ୍ୟକ୍ଷଙ୍କ ପୁଅ ଅଶୋକ ଦାବି କରିଛନ୍ତି। ଯଦି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରା ନ ଯାଏ ତେବେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବିଜେଡି ବ୍ଲକ ପ୍ରତିନିଧିଙ୍କ ପକ୍ଷରୁ ପ୍ରକାଶ।

## ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ସାନଖେମୁଣ୍ଡି,୨୮ ।୪(ସମିସ): ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଗଞ୍ଜାମ ଏସପି ଶୁଭେନ୍ଦୁ



ପାତ୍ରଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାନଖେମୁଣ୍ଡି ବ୍ଲକର ଜନ ସାଧାରଣ ଯୋଗ ଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଜିଲ୍ଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଭେଟି ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ଭଳି ବିଭିନ୍ନ ସାମୂହିକ ଅଭିଯୋଗ ହୋଇଥିଲା। ୮୭ଟି ଅଭିଯୋଗର ଶୁଣାଣି ହୋଇଥିଲା। କେତେକ ଅଭିଯୋଗ ଗୁଡିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ସକାଳୁଆ ଅଫିସ ସହିତ ଅଭିଯୋଗ ଶୁଣାଣି ମଧ୍ୟ ସକାଳ ୭ ଟାରୁ ୧୦ଟା ମଧ୍ୟରେ ଅଭିଯୋଗ ଶୁଣାଯିବ ବୋଲି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ଉନ୍ନୟନ ଅଧିକାରୀ, ଉପ ଜିଲ୍ଲାପାଳ ବ୍ରହ୍ମପୁର ଅବିନାଶ କୁମାର, ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ବ୍ଲକ ଉପାଧ୍ୟକ୍ଷ ରିଙ୍କି ନାୟକ, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସମସ୍ତ ବ୍ଲକ ସ୍ତରୀୟ ୱିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଗୋ ସମ୍ପଦର ସୁରକ୍ଷା ପାଇଁ ଦାବିପତ୍ର



ଛତ୍ରପୁର,୨୮ ।୪(ସମିସ): ଗୋ-ସମ୍ପଦର ସୁରକ୍ଷା ଓ ଗୋ ମାତାକୁ ଉଚିତ ସମ୍ମାନ ଦାବିରେ ଛତ୍ରପୁରରେ ଗୋ-ସୁରକ୍ଷାକର୍ମୀଙ୍କ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ, ସେମାନଙ୍କ ସୁରକ୍ଷା ଆଇନଗତ ଭାବେ ସୁନିଶ୍ଚିତ କରିବା, ଗୋ ମାତାକୁ ସମ୍ମାନ, ଗୋ ମାତାକୁ ରାଷ୍ଟ୍ରମାତା ଭାବେ ସମ୍ମାନ ଦାବି କରାଯାଇଛି। ଏକ ରାଲିରେ ଆସି ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଗୁରାଣ୍ଡିରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଗୋଷାଣି,୨୮ ।୪(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡିରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ସମୁଦାୟ ୨୦ ଅଭିଯୋଗର ଶୁଣାଣି କରିଥିଲେ। ଏଥି ମଧ୍ୟରୁ ବ୍ୟକ୍ତିଗତ ୧୨ ଏବଂ ସାମୂହିକ ୮ ସମସ୍ୟା ରହିଥିଲା। ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣିରେ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ସମିତିସଭ୍ୟା ପି.ମୀନାକ୍ଷୀ ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ଉପସ୍ଥିତ ଥିଲେ।

## ଅବ୍ୟବସ୍ଥାରେ ଜଳଛତ୍ର ବ୍ୟବସ୍ଥା

ପାରଳାଖେମୁଣ୍ଡି,୨୮ ।୪(ସମିସ): ପାରଳାଖେମୁଣ୍ଡି ପୌରପରିଷଦ ତରଫରୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ର ଗୁଡିକର ପରିଚାଳନା ନିମନ୍ତେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆଉ ଏହି ପରିଚାଳନା ଦାୟିତ୍ୱ ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ କରାଯିବା ବ୍ୟବସ୍ଥା ରହିଛି। ହେଲେ କାଗଜପତ୍ରରେ ଟଙ୍କାକୁ ପାଣି ପରି ଖର୍ଚ୍ଚ କରାଯାଉଥିବା ବେଳେ ପ୍ରକୃତ ପକ୍ଷେ ଏହା ଲୋକଙ୍କ କାମରେ ଆସୁନି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁଁ ତଦାରଖ କରାଯାଉନି। ସହରର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଏହି ଜଳଛତ୍ରର ଅବସ୍ଥା ଏପରି ଯେ ଠିକ୍ ମଧ୍ୟାହ୍ନ ସମୟରେ ଫାଙ୍କା ପଡୁଛି। ଯେତେବେଳେ କି ଉତ୍ତାପ ଚରମ ଅବସ୍ଥାରେ ରହୁଛି ସେତେବେଳେ ଏଠାରେ ଜଳ ବିତରଣ କରିବା ପାଇଁ କେହି ନଥାନ୍ତି। ଫଳରେ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ବାଧ ହୋଇ ପାଣି କିମ୍ବା ମୃଦୁ୍ୟପାନୀୟ କ୍ରୟ କରି ତୃଷ୍ଣା ମେଣ୍ଟାଉଥିବାର ଜଣାଯାଇଛି। ସେପଟେ ସରକାର ତଥା ପ୍ରଶାସନ ଜଳଛତ୍ର ଖୋଲାଯାଇ ଅଂଶୁଘାତର ମୁକାବିଲା କରାଯାଉଥିବା କଥାକୁ ନେଇ ଡିଣ୍ଡିମ




ପିଟି ଚାଲିଛନ୍ତି। ସହରର ପ୍ରାୟତଃ ମୁଖ୍ୟ ଛକ ଗୁଡିକରେ ଥିବା ଜଳଛତ୍ରରେ ଥିବା ଜଳ ହାଣ୍ଡିରେ ଜଳ ନଥିବା ବେଳେ ଆବଣ୍ଟନ ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷ ଜଳଛତ୍ରରେ ଛତ୍ରଭଙ୍ଗ ଦେଉଛନ୍ତି।

## ଜନ ଆକ୍ରୋଶ ମହିଳା ସମାବେଶ

ଫୁଲବାଣୀ,୨୮ ।୪(ସମିସ): ଲୋକସଭାରେ ଆଗତ ମହିଳା ବିଲକୁ କଂଗ୍ରେସ ଓ ବିଜେଡିର ବିରୋଧ ପ୍ରତିବାଦରେ ବିଜେପି ଫୁଲବାଣୀ ଗ୍ରାମୀଣ ମଣ୍ଡଳ ପକ୍ଷରୁ ଗୁମାଗଡ଼ ଠାରେ ଜନ ଅକ୍ରୋଶ ରାଲି ଆୟୋଜିତ ହୋଇଛି। ଦଳୀୟ ନେତା ଏ ପରିପ୍ରେକ୍ଷୀରେ ଉଭୟ ଦଳ ଉପରେ ବର୍ଷିଛନ୍ତି ଦଳୀୟ ନେତା। ଆୟୋଜିତ ଏହି ରାଲିରେ ଶତାଧିକ ମହିଳା ଯୋଗ ଦେଇ ଗୁମାଗଡ଼ ହାଟପଦାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜିତ କୁମାର ମଣ୍ଡଳ, କୃଷକ ମୋର୍ଚ୍ଚା ସଭାପତି ଆଦିତ୍ୟ କହଁର, ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ମଣ୍ଡଳ ସାଧାରଣ ସମ୍ପାଦକ ଲଳିତ ଦିଗାଲ, ମହିଳା ମୋର୍ଚ୍ଚା ସଭାପତି ଦିପ୍ତିମଞ୍ଜରୀ କହଁର ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଆଙ୍କୁଲି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଣ୍ଟନ



ବ୍ରହ୍ମପୁର,୨୮ ।୪(ସମିସ): ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ତ ଆଙ୍କୁଲି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଇ. ଢ଼ିଲେଶ୍ୱ ରେଡ୍ଡୀ, ସ୍ଥାନୀୟ କର୍ପୋରେଟର ଭାଗିରଥୀ ମହାରଣା ଓ ସିଆରସିସି ଏ. ଭଗବାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଆଙ୍କୁଲି କ୍ଲଷ୍ଟର ଆଙ୍କୁଲି ସ୍ଥିତ ସରକାରୀ ପୌର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆମ୍ବପୁଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜେଲ କ୍ୟାମ୍ପସ ଓ ଖୋଡ଼ାସିଙ୍ଗି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ, ଜୋତା, ହାଉସ ଡ୍ରେସ ଓ ମୋଜା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଙ୍କୁଲି ସରକାରୀ ପୌର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶସ୍ମିତା କୁମାରୀ ପାତ୍ରଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟର ସଭାପତିଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଜନ ଆକ୍ରୋଶ ମହିଳା ସମାବେଶ

ମୋହନା,୨୮।୪(ସମିସ): ମୋହନାରେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ସ୍ଥାନୀୟ ହାଇସ୍କୁଲ ଛକ ଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ମହିଳା ସମାବେଶରେ ଯୋଗ ଦେଇଥିଲେ। ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସତ୍ୟଜିତ୍ ବିଷୋୟୀ ପରିଚାଳନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ବିଜେପି ମହିଳା ମୋର୍ଚ୍ଚା କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ମସିହାଖାଲିରେ ଅଭିଯୋଗ ଶୁଣାଣି

କୁକୁଡାଖଣ୍ଡି,୨୮ ।୪(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ମସିହାଖାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ସରପଞ୍ଚ କାପାଲି ବୁଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଏଇ ଅନୁରାଗ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ



ମନୋଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୨୫ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣାଣି ହୋଇଥିବା ବେଳେ କୃପାସିନ୍ଧୁପୁର ଗ୍ରାମରେ ଥିବା କମ୍ବିଳି ବନ୍ଧର ନବୀକରଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ନବୀକରଣ କରାଯିବ ବୋଲି କହିଥିଲେ ପ୍ରଶାସନିକ ଅଧିକାରୀ। ଅନ୍ୟ ଅଭିଯୋଗ ମଧ୍ୟରେ ମୁଖ୍ୟ ସମସ୍ୟା ରାସନ୍ କାର୍ଡ, ଭତ୍ତା, ଆବାସ ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ଅଭିଯୋଗ ରହିଥିବା ଦେଖିବାକୁ ମିଳିଛି। ଖୁବ୍‌ଶୀଘ୍ର ଅଭିଯୋଗ ଗୁଡ଼ିକ ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି ପ୍ରଶାସନ ଅଧିକାରୀ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଥିଲେ।

# ଆଇନଜୀବୀ ଦିବସ ଓ ମଧୁ ଜୟନ୍ତୀ ପାଳିତ




ଦିଗପହଣ୍ଡି,୨୮ ।୪(ସମିସ):

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘର ସଭାପତି ହୃଦୟ ରଞ୍ଜନ ମେକାପ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଏବଂ ଦଳିତ ନିଷ୍ପେସିତ ଓଡିଆଙ୍କୁ ସେବା ଯୋଗାଇ ଦେବାରେ ମଧୁବାବୁଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ସଭାରେ ଓକିଲ ସଂଘର ସମ୍ପାଦକ ସନ୍ତୋଷ କୁମାର ସାହୁ, ଉପସଭାପତି ସୁକାନ୍ତ ପ୍ରଧାନଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ଚନ୍ଦ୍ରଧ୍ୱଜ ସିଂହ, ରତ୍ନାକର ମେକାପ, ନକୁଳ ପ୍ରଧାନ, କୁରେଶୁ ପଣ୍ଡା, ଅଶେଷନାଥ ମିଶ୍ର, ମନୋରଞ୍ଜନ ପଣ୍ଡା, ବିପିନ ପଟ୍ଟନାୟକ, ପ୍ରଦୀପ ନାୟକ, ପ୍ରହଲ୍ଲାଦ ପ୍ରଧାନ, ଟୁକୁନା ପ୍ରଧାନ, ପ୍ରଫୁଲ୍ଲ ସେଠୀ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସଭା ଶେଷରେ ନୋଟାରି ରଞ୍ଜନ କୁମାର ବେହେରା, ବରିଷ୍ଠ ଆଇନଜୀବୀ ରସାନନ୍ଦ ରାଉତ, ନବନିଯୁକ୍ତ ସରକାରୀ ଓକିଲ ହେମନ୍ତ ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ, ସନ୍ତୋଷ କୁମାର ସାହୁ ଏବଂ ବିଜୟ ପ୍ରଧାନଙ୍କୁ ସମ୍ମାନିତ କରିଥିଲେ।

**ଛତ୍ରପୁର:** ଛତ୍ରପୁର ଓକିଲ ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘର ସଭାପତି ଏଲ୍.ଗୋପାଳ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ, ସବ୍‌ଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ପ୍ରତିଷ୍ଠାତା ଯାହାଙ୍କ ପାଇଁ ଓଡିଆ ପଢ଼ିବା ତଥା ଓଡିଆ ଭାଷା ପ୍ରଚଳିତ ହୋଇଛି ସେହି ମହାପୁରୁଷଙ୍କ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଓକିଲ ସିଏଚ୍. ତ୍ରିଲୋଚନ ରେଡ୍ଡୀ, ବି.ଶ୍ରୀନିବାସ ରାଓ, ବ୍ରଜମୋହନ ଆଚାର୍ଯ୍ୟ, ମନୋଜ କୁମାର ବେହେରା, ଭୈରବୀ ପଟ୍ଟନାୟକ, ପର୍ଶୁରାମ ଗୌଡ ଓ କାଳିପ୍ରସାଦ ଦାଶ ପ୍ରମୁଖ ୭ ଜଣ ବରିଷ୍ଠ ଓକିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓକିଲ ସଂଘର ଉପସଭାପତି ପ୍ରଦୀପ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂପାଦକ କେ.ଦୁର୍ଯ୍ୟୋଧନ ରେଡ୍ଡୀ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସମସ୍ତ ସଦସ୍ୟ ତଥା ଓକିଲମାନେ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ୧୭୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ମାନସ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମ୍‌ଏଫ୍‌ସି ବିଚାରପତି ସୁଧାଶ୍ରୀ ସୁରଝାଲିଆ,




ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ନିର୍ମଳ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପିପୁଲ୍ଲି କଲେଜ ଇତିହାସ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡଃ ପ୍ରଦୀପ କୁମାର ଦାଶ ଯୋଗ ଦେଇ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅତୁଳନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କୋଟି କୋଟି ଓଡିଆଙ୍କ ପ୍ରାଣରେ ଜାତି ପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିବା ସ୍ୱାଭିମାନୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଓକିଲ ସଙ୍ଘ ବିକାଶ ମହାନ୍ତି, ୟୁ ଅରବିନ୍ଦ ପାତ୍ର ଓ ପିଣ୍ଟୁ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସ ରଞ୍ଜନ ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ପରିଶେଷରେ ଓକିଲ ସଂଘ ସହସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

